# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th January - 2025

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଆଗାମୀ ଦିନରେ ଶିଳ୍ପ ହବ୍‌ରେ ପରିଣତ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

— କୋଣାର୍କରେ ଆରମ୍ଭ ହେଲା ଖଣିମନ୍ତ୍ରୀମାନଙ୍କ ଜାତୀୟ ସମ୍ମିଳନୀ ।

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ମନ୍ତ୍ରୀ ପରିଷଦ ବୈଠକ ।

- ରାଜ୍ୟରେ ଆସନ୍ତା ୨୪ ତାରିଖରୁ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ।

ଏବଂ

- ପଶ୍ଚିମାଝଡ଼ର ପ୍ରଭାବରେ ରାଜ୍ୟରେ ଆସନ୍ତାକାଲିଠାରୁ ହ୍ରାସ ପାଇବ ଶୀତ ।

*Desk*

# କୋଣାର୍କ - ଖଣି ମନ୍ତ୍ରୀ ସମ୍ମିଳନୀ

ଓଡ଼ିଶା ଆଗାମୀ ଦିନରେ ଶିଳ୍ପ ହବ୍‌ରେ ପରିଣତ ହେବ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖଣି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କୋଣାର୍କରେ ଆୟୋଜିତ ଦୁଇଦିନିଆ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଭରପୁର ଖଣିଜ ସମ୍ପଦ ରହିଛି, ବାସ୍ତବରେ ଓଡ଼ିଶା ରତ୍ନଗର୍ଭା ବୋଲି ଶ୍ରୀ ମାଝୀ କହିଛନ୍ତି।

***Voice*** :............

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶାନ ରେଡ୍ଡୀ କହିଛନ୍ତି, ବିଜୁଳି, ନବୀକରଣ ଶକ୍ତି, ପ୍ରଯୁକ୍ତିବିଦ୍ୟା ଆଦି ପାଇଁ ପ୍ରାକୃତିକ ସମ୍ପଦର ଆବଶ୍ୟକତା ରହିଥାଏ। କେନ୍ଦ୍ର ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା କୋଇଲା ଉତ୍ପାଦନ ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଦେଶର ବିକାଶ ପାଇଁ ଖଣି ଓ କୋଇଲା କ୍ଷେତ୍ରରେ ବିଭିନ୍ନ ସଂସ୍କାର ଅଣାଯାଇଛି । କେନ୍ଦ୍ରମନ୍ତ୍ରୀ ଖଣି କାର୍ଯ୍ୟକଳାପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ବେଆଇନ ଖଣି ଖନନ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ସୂଚନା ଅନୁସାରେ, ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ, ଖଣି ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେଇଛନ୍ତି।

***BBSR/R***

## ମନ୍ତ୍ରୀ ପରିଷଦ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନରେ ମନ୍ତ୍ରୀ ପରିଷଦର ବୈଠକ ଜାରି ରହିଛି । ବୈଠକରେ କୃଷି, ସମବାୟ, ଶକ୍ତି, ଦକ୍ଷତା ବିକାଶ ବିଭାଗ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଉଥିବା ଜଣାପଡ଼ିଛି ।

***Desk***

## ଜାତୀୟ ଶିକ୍ଷାନୀତି - କର୍ମଶାଳା

ରାଜ୍ୟରେ ଜାତୀୟ ଶିକ୍ଷନୀତିର କାର୍ଯ୍ୟକାରିତାକୁ ସୁଗମ କରିବାପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ତିନିଦିନିଆ ଜାତୀୟ କର୍ମଶାଳା ଆୟୋଜନ କରାଯାଉଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ହାଇକୋର୍ଟ - ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଆଜି ଜଷ୍ଟିସ ଅରିନ୍ଦମ ସିହ୍ନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଗତକାଲି ଅବସର ନେବା ପରେ ଶ୍ରୀ ସିହ୍ନା ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି।

ଜଷ୍ଟିସ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ୧୧ ତାରିଖରେ କୋଲକାତା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୩ରେ ଶ୍ରୀ ସିହ୍ନା କୋଲକାତା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ କୋଲକାତା ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୧ ମସିହା ଅକ୍ଟୋବର ମାସରେ ଜଷ୍ଟିସ ସିହ୍ନା ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଥିଲେ।

*Desk*

# ପି.ଏମ୍. ଆବାସ ଯୋଜନା

ରାଜ୍ୟରେ ଥିବା ବାସହୀନ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଘର ଯୋଗାଇଦେବା ପାଇଁ ଆସନ୍ତା ଶୁକ୍ରବାର ୨୪ ତାରିଖରୁ ସର୍ଭେ ଆରମ୍ଭ ହେବ। ସର୍ଭେ ଦେଢ଼ରୁ ଦୁଇ ମାସ ଚାଲିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି,

ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହିତ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଜଣାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

***Sambalpur/R***

# ପକ୍ଷୀଗଣନା

ସମ୍ବଲପୁରସ୍ଥିତ ହୀରକୁଦ ଜଳଭଣ୍ଡାରକୁ ଚଳିତ ବର୍ଷ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ପକ୍ଷୀ ଆସିଥିବା ସୂଚନା ମିଳିଛି । ଏ ସମ୍ପର୍କରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡି.ଏଫ୍.ଓ. ଅଂଶୁପ୍ରଜ୍ଞା ଦାସ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୩୫ ହଜାର ପକ୍ଷୀ ଆସିଛନ୍ତି । ୯ଟି ନୂଆ ପ୍ରଜାତିର ପକ୍ଷୀ ଜଳଭଣ୍ଡାରକୁ ଆସିଥିବା ସେ କହିଛନ୍ତି ।

*Bhadrak/R*

# ଧାନମଣ୍ଡି ପରିଦର୍ଶନ

ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ୮ ଜଣିଆ ବିଧାୟକ ସଦସ୍ୟ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ୍‌ସ୍ଥିତ ରହଣିଆ ଧାନମଣ୍ଡି ପରିଦର୍ଶନ କରିଛନ୍ତି । ଏହାସହ ବୈତରଣୀ ନଦୀର ବାଲିଖାଦନ ଅଞ୍ଚଳ ମଧ୍ୟ ଏହି କମିଟି ପରିଦର୍ଶନ କରିଛନ୍ତି । ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁସାରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ ତଥା ଚୋରା ବାଲିଚାଲାଣ ରୋକିବା ଦିଗରେ କମିଟି ଉପସ୍ଥିତ ଜନତାଙ୍କ ସହ ଆଲୋଚନା କରିଥିଲେ ।

*Desk*

# ଆନ୍ତଃରାଜ୍ୟ ମାଓ ତଲାସୀ ଅଭିଯାନ

ରାଜ୍ୟର ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗଡ଼ିଆବନ୍ଧ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଓଡ଼ିଶା, ଛତିଶଗଡ଼ ପୁଲିସ ଏବଂ ସି.ଆର୍.ପି.ଏଫ୍. ଯବାନଙ୍କୁ ନେଇ ଏକ ସମ୍ମିଳିତ ଆନ୍ତଃରାଜ୍ୟ ତଲାସୀ ଅଭିଯାନ ଜାରି ରହିଛି । ଅଭିଯାନ ସମୟରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ପୁଲିସ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛି ।

*IPR*

## ମହାଜାଗତିକ ଦୃଶ୍ୟ

ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସୌରଜଗତର ୬ଟି ଗ୍ରହଙ୍କୁ ନେଇ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାପାଇଁ ପର୍ଯ୍ୟଟକଙ୍କ ଲାଗି ବ୍ୟବସ୍ଥା କରାଯାଇଛି । ସର୍ବସାଧାରଣ ଆସନ୍ତାକାଲିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସୋମବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ୭ଟା ପର୍ଯ୍ୟନ୍ତ ଏହି ବିରଳ ଦୃଶ୍ୟ ଦେଖିପାରିବେ ।

*Sambalpur/R*

## ଆଇ.ଆଇ.ଏମ୍.

ଆଇ.ଆଇ.ଏମ୍., ସମ୍ବଲପୁର ପରିସରରେ ୬ ଦିନିଆ ସି.ଇ.ଓ. ଇମର୍ସନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏମ୍.ବି.ଏ.ରେ ଛାତ୍ରଛାତ୍ରୀମାନଙ୍କୁ ବ୍ୟାବହାରିକ ଜ୍ଞାନ, ଶିଳ୍ପଧାରା, ନେତୃତ୍ୱ ଏବଂ ଦକ୍ଷତା ପ୍ରଦାନ କରିବାପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରାୟ ୧ ହଜାର କର୍ମଚାରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କ ସହ ଅଭିଜ୍ଞ ପେସାଦାର ଚାକିରିରେ ଯୋଗଦେବାପାଇଁ ଆଲୋଚନା କରିବେ ।

*Dhenkanal/R*

# ଶ୍ରମିକ ସହାୟତା ରାଶି

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍‌ର ଗାଲପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଜି ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ହିତାଧିକାରୀମାନଙ୍କୁ ମୃତ୍ୟୁକାଳୀନ ସହାୟତା, ଶିକ୍ଷା, ବିବାହ ଆଦି ସହାୟତା ରାଶି ପ୍ରଦାନ କରାଯାଇଛି ।

*Nayagarh, Nuapada, Ganjam, Boudh, Sonepur, Sambalpur, Rayagada/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟକ୍ତିଗତ, ସାମୂହିକ ମାମଲାର ଶୁଣାଣି କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ପଞ୍ଜିକୃତ ୭୬ଟି ମାମଲାର ଶୁଣାଣି କରାଯାଇଥିଲା । ତେବେ ୧୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇ ନ୍ୟାୟ ପ୍ରଦାନ କରାଯାଇଥିଲା ।

ନୂଆପଡ଼ା ଖଡ଼ିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୮୬ଟି ମାମଲାର ଶୁଣାଣି କରି ଏହାର ସମାଧାନପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୬୨ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି ହୋଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣିରେ ୧୦୯ଟି ଅଭିଯୋଗର ଶୁଣାଣି କରାଯାଇଛି ।

ସମ୍ବଲପୁର ଜିଲ୍ଲା ରେଙ୍ଗାଲୀ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୧ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ସେହିଭଳି ରାୟଗଡ଼ାରେ ଅତିରିକ୍ତ ଜିଲ୍ଲାପାଳ ୩୩ଟି ଅଭିଯୋଗ ଗ୍ରହଣ କରିଥିଲେ ।

***Desk***

# ପାଣିପାଗ

ପଶ୍ଚିମାଝଡ଼ର ପ୍ରଭାବରେ ରାଜ୍ୟରେ ଆସନ୍ତାକାଲିଠାରୁ ଶୀତର ପ୍ରଭାବ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

ପୂର୍ବାନୁମାନ କରିଛି । ସୂଚନା ଅନୁସାରେ, ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିଥିବାରୁ ତାପମାତ୍ରା ବୃଦ୍ଧି ପାଇବ । ଅପର ପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ କନ୍ଧମାଳ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****